# NATIONAL NEWS BULLETIN (ODIA)

## 21 January - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଆରାବଳିରେ ଖଣି ଖନନ କାର୍ଯ୍ୟ ଉପରେ ବିସ୍ତୃତ ନିରିକ୍ଷଣ କରିବା ଲାଗି ଏକ ବିଶେଷଜ୍ଞ କମିଟି ଗଠନ କରିବେ ସୁପ୍ରିମ୍‌କୋର୍ଟ୍ ।
- ଅଟଳ ପେନ୍‌ସନ୍ ଯୋଜନାର କାର୍ଯ୍ୟକାରିତା ଅବଧି ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା ନେଇ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ।
- କେନ୍ଦ୍ର ସରକାର ଜାରି କଲେ ନୂତନ ଜାତୀୟ ବିଦ୍ୟୁତ୍ ଚିଠା ନୀତି ୨୦୨୬ ।
- ପାଞ୍ଚଟିକିଆ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଆଜି ନାଗପୁରଠାରେ ଭାରତ ବିପକ୍ଷରେ ଟସ୍ ଜିତି ନ୍ୟୁଜିଲାଣ୍ଡର ବୋଲିଂ ନିଷ୍ପତ୍ତି ।

ଏବଂ

- ସନ୍ତୋଷ ଟ୍ରଫି ଫୁଟବଲ୍ ଚାମ୍ପିୟନ୍‌ସିପ୍‌ର ଆଜିକାର ମ୍ୟାଚ୍‌ଗୁଡ଼ିକରେ ରାଜସ୍ଥାନ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ବିଜୟୀ ।

## ଏସ୍‌ସି-ଆରାବଳି

ଆରାବଳି ଠାରେ ଖଣି ଖନନ କାର୍ଯ୍ୟ ଏବଂ ଏ ସମ୍ପର୍କିତ ପ୍ରସଙ୍ଗ ଉପରେ ବିସ୍ତୃତ ପରୀକ୍ଷାନିରୀକ୍ଷା କରିବା ଲାଗି ସୁପ୍ରିମ୍‌କୋର୍ଟ୍‌ ଏକ ବିଶେଷଜ୍ଞ କମିଟି ଗଠନ କରିବେ । ପ୍ରଧାନ ବିଚାରପତି ଜଷ୍ଟିସ୍‌ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ୍‌ ଜୟମାଲ୍ୟ ବାଗ୍‌ଚି ଓ ଜଷ୍ଟିସ୍‌ ବିପୁଲ ଏମ୍‌. ପାଞ୍ଚୋଲିଙ୍କୁ ନେଇ ଗଠିତ ବେଞ୍ଚ ଏଥିଲାଗି ଏହି କ୍ଷେତ୍ରରେ ପାରିଦର୍ଶିତା ଥିବା ବୈଜ୍ଞାନିକ ତଥା ପରିବେଶବିତ୍‌ମାନଙ୍କର ନାମ ଆସନ୍ତା ୪ ସପ୍ତାହ ମଧ୍ୟରେ ସୁପାରିଶ କରିବା ଲାଗି ଅତିରିକ୍ତ ସଲିସିଟର ଜେନେରାଲ୍‌ ଐଶ୍ୱରିୟା ଭାଟି ଓ ଆମିକସ୍‌ କ୍ୟୁରି କେ. ପରମେଶ୍ୱରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବେଆଇନ୍‌ ଖଣି ଖନନକୁ ରୋକିବା ସହିତ ଆରାବଳିର ସୁରକ୍ଷା ଲାଗି ସର୍ବୋଚ୍ଚ ଅଦାଲତ ଏହି ପଦକ୍ଷେପ ନେଇଛନ୍ତି ।

## କ୍ୟାବିନେଟ୍‌

ଅଟଳ ପେନ୍‌ସନ୍‌ ଯୋଜନାର କାର୍ଯ୍ୟକାରିତା ଅବଧିକୁ କେନ୍ଦ୍ର ସରକାର ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଆଜି ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍‌ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଏହି ଯୋଜନାକୁ ପ୍ରୋତ୍ସାହନ ତଥା ଏହାର ପ୍ରଚାର ଓ ପ୍ରସାର

ଲାଗି ମଧ୍ୟ ୨୦୩୦-୩୧ ବର୍ଷ ପର୍ଯ୍ୟନ୍ତ ସରକାର ଆର୍ଥିକ ସହାୟତା ଯୋଗାଇଦେବ । ଅଣ-ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ବାର୍ଦ୍ଧକ୍ୟ ଆର୍ଥିକ ସୁରକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୧୫ ମେ ମାସରେ ଏହି ଯୋଜନ ଆରମ୍ଭ କରାଯାଇଥିଲା । ଏହି ଯୋଜନାରେ ହିତାଧିକାରୀଙ୍କର ଆର୍ଥିକ ଅନୁଦାନ ଅନୁଯାୟୀ ୬୦ ବର୍ଷ ପରେ ସେମାନଙ୍କୁ ମାସିକ ୧ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ପେନ୍‌ସନ୍ ଯୋଗାଇ ଦିଆଯିବ ।

ଅଟଳ ପେନ୍‌ସନ୍ ଯୋଜନାରେ ଏ ପର୍ଯ୍ୟନ୍ତ ୮ କୋଟି ୬୬ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ପଞ୍ଜିକୃତ ହୋଇଥିବା ବେଳେ ଏହା ଦେଶର ସମାବେଶୀ ସାମାଜିକ ସୁରକ୍ଷା ଢାଞ୍ଚାକୁ ଅଧିକ ସଶକ୍ତ କରିବା ଦିଗରେ ସହାୟକ ହୋଇଛି ।

ଏତଦ୍ ବ୍ୟତୀତ ଭାରତର ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ୍ – **SIDBI** ଲାଗି ୫ ହଜାର କୋଟି ଟଙ୍କାର ଇକ୍ୱ୍ୟିଟି ରାଶି ଅନୁମୋଦନ ସମ୍ପର୍କିତ ଏକ ପ୍ରସ୍ତାବକୁ ମଧ୍ୟ ଆଜି କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଏହାଦ୍ୱାରା ପ୍ରାୟ ୨୫ ଲକ୍ଷ ୭୪ ହଜାର ନୂତନ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ । ଏହି ଇକ୍ୱ୍ୟିଟି ରାଶି ପ୍ରଦାନ କରାଯିବା ଦ୍ୱାରା ଦେଶର ଏମ୍.ଏସ୍.ଏମ୍.ଇ.ଗୁଡ଼ିକ ୨୦୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୭୬ ଲକ୍ଷରୁ ଊର୍ଦ୍ଧ୍ୱ ଆର୍ଥିକ ସହାୟତା ପାଇପାରିବେ । ଏହି ପରିମାଣ ୨୦୨୮ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏକ କୋଟି ଟଙ୍କା ଅତିକ୍ରମ କରିବାର ଆଶା

କରାଯାଉଛି । ମିଳିଥିବା ସଦ୍ୟତମ ତଥ୍ୟ ଅନୁଯାୟୀ ଗତବର୍ଷ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ୬ କୋଟି ୯୦ ଲକ୍ଷ ଏମ୍.ଏସ୍.ଏମ୍.ଇ. ଦ୍ୱାରା ୩୦ କୋଟି ୧୬ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଏହି ହାରକୁ ଭିତ୍ତି କରି ୨୦୨୭-୨୮ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧ କୋଟି ୧୨ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବାର ଆକଳନ କରାଯାଇଛି । ଏହାଛଡ଼ା ଏହି ସମୟସୀମା ସୁଦ୍ଧା ୨୫ ଲକ୍ଷ ୭୪ ହଜାର ନୂତନ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗୀ ସୃଷ୍ଟି କରାଯାଇପାରିବାର ଲକ୍ଷ୍ୟ ରଖାଯାଇଛି । ଆଜି କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଥିବା ଇକ୍ୟୁଟି ରାଶି ତିନୋଟି ପର୍ଯ୍ୟାୟରେ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

## ପାୱାର-ଇଲେକ୍ଟ୍ରିସିଟି ପଲିସି

ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂତନ ଜାତୀୟ ବିଦ୍ୟୁତ୍ ଚିଠା ନୀତି ୨୦୨୬ ଜାରି କରାଯାଇଛି । ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ସ୍ୱପ୍ନ ସାକାର କରିବା ଦିଗରେ ଶକ୍ତି କ୍ଷେତ୍ରକୁ ରୂପାନ୍ତରୀକରଣ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ୨୦୩୦ ସୁଦ୍ଧା ମୁଣ୍ଡ ପିଛା ବିଦ୍ୟୁତ୍ ବ୍ୟବହାର ୨ହଜାର କିଲୋୱାଟ୍ ଘଣ୍ଟା ଏବଂ ୨୦୪୭ ସୁଦ୍ଧା ୪ ହଜାରରୁ ଊର୍ଦ୍ଧ୍ୱ କିଲୋୱାଟ୍ ଘଣ୍ଟା କରିବା ନେଇ ଏହି ଚିଠା ନୀତିରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୨୦୨୪-୨୫ ଆର୍ଥିକ ବର୍ଷରେ ମୁଣ୍ଡ ପିଛା ବିଦ୍ୟୁତ୍ ବ୍ୟବହାର ଏକ ହଜାର ୪୬୦ କିଲୋୱାଟ୍ ଘଣ୍ଟା ରହିଥିବା ମନ୍ତ୍ରଣାଳୟ ପକ୍ଷରୁ

କୁହାଯାଇଛି । ଭାରତର ଜଳବାୟୁ ପରିବର୍ତ୍ତନ ଦିଗରେ ନିଜର ପ୍ରତିବଦ୍ଧତା ସମ୍ପର୍କରେ ମଧ୍ୟ ଏହି ନୀତିରେ ଉଲ୍ଲେଖ ରହିଛି । ୨୦୩୦ ସୁଦ୍ଧା ନିର୍ଗମନ ତୀବ୍ରତା ୪୫ ପ୍ରତିଶତକୁ ହ୍ରାସ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମନ୍ତ୍ରଣାଳୟ କହିଛି, ବିଶ୍ୱସନୀୟ ଏବଂ ଉନ୍ନତମାନର ଶକ୍ତି ସୁଗମ ମୂଲ୍ୟରେ ପାଇବା ଦିଗରେ ଏକ ଦୂରଦୃଷ୍ଟି ସମ୍ପନ୍ନ ପରିବେଶ ଅନୁକୂଳ ଶକ୍ତି କ୍ଷେତ୍ର ବିକାଶ କରିବା ଲାଗି ଏହି ଚିଠା ନୀତିରେ ବ୍ୟବସ୍ଥା ରହିଛି । ଏହି ନୀତି ଚୂଡ଼ାନ୍ତ ହେବା ପରେ ବର୍ତ୍ତମାନର ଜାତୀୟ ବିଦ୍ୟୁତ୍ ନୀତି ୨୦୦୫ର ସ୍ଥାନ ନେବ ବୋଲି ଶକ୍ତିମନ୍ତ୍ରଣାଳୟ କହିଛି ।

## ବୈଷ୍ଣବ-ଡବ୍ଲ୍ୟୁଇଏଫ୍

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଡାଭୋସ୍ ଠାରେ ଆଇ.ବି.ଏମ୍.ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅରବିନ୍ଦ କ୍ରିଷ୍ଣା ଏବଂ ମେଟାର ମୁଖ୍ୟ ବୈଶ୍ୱିକ ବ୍ୟାପାର ଅଧିକାରୀ ଜୁଏଲ୍ କାପ୍ଲାନ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ବିଶ୍ୱ ଅର୍ଥନୈତିକ ଫୋରମ୍ ଅବସରରେ ଶ୍ରୀ ବୈଷ୍ଣବ କରିଥିବା ଏହି ଆଲୋଚନା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ସେ କହିଛନ୍ତି, ବୈଶ୍ୱିକ ନବସୃଜନତା କ୍ଷେତ୍ରରେ ସମଗ୍ର ବିଶ୍ୱରେ ଭାରତକୁ ଏକ ପ୍ରମୁଖ ମାର୍ଗଦର୍ଶକ ଭାବେ ପରିଗଣିତ କରାଯାଉଛି । କୃତ୍ରିମ ବୁଦ୍ଧିମତା ଭିତ୍ତିଭୂମି କ୍ଷେତ୍ରରେ ଭାରତରେ ୭୦ ବିଲିୟନ୍ ଆମେରିକୀୟ ଡଲାର୍‌ର ପୁଞ୍ଜିନିବେଶ ହେବା ସମ୍ପର୍କରେ ଶ୍ରୀ

ବୈଷ୍ଣବ ଏହି ଅବସରରେ ସୁନିଶ୍ଚିତ କରିଛନ୍ତି । ସେ କହିଛନ୍ତି, ଆଗାମୀ ୧ ବର୍ଷ ମଧ୍ୟରେ ଆଉ ୫୦ ବିଲିୟନ୍ ଆମେରିକୀୟ ଡଲାର୍ ନିବେଶ କରାଯିବାର ଆଶା ରହିଛି । ଆସନ୍ତା ମାସରେ ଭାରତରେ ହେବାକୁ ଥିବା କୃତ୍ରିମ ବୁଦ୍ଧିମତା ସମ୍ମିଳନୀ ମାଧ୍ୟମରେ ବୈଷୟିକ ଜ୍ଞାନକୌଶଳ କେବଳ ଦେଶରେ ନୁହେଁ ବରଂ ସମଗ୍ର ଗ୍ଲୋବାଲ୍ ସାଉଥ୍‌ରେ ମଧ୍ୟ ଏହାକୁ ସୁଗମ ହେବାର ସୁନିଶ୍ଚିତ କରାଯାଇପାରିବ ।

ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ମୁଖ୍ୟଙ୍କର ଭାରତକୁ ଏକ ଦ୍ୱିତୀୟ ପର୍ଯ୍ୟାୟ କୃତ୍ରିମ ବୁଦ୍ଧିମତା ଶକ୍ତି ଭାବେ ଦେଇଥିବା ମନ୍ତବ୍ୟକୁ ଶ୍ରୀ ବୈଷ୍ଣବ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରିଛନ୍ତି । ଭାରତ କୃତ୍ରିମ ବୁଦ୍ଧିମତା ପ୍ରସ୍ତୁତି କ୍ଷେତ୍ରରେ ବିଶ୍ୱରେ ତୃତୀୟ ବୋଲି ଷ୍ଟାଣ୍ଡଫୋର୍ଡ୍ ର୍‍ୟାଙ୍କିଙ୍ଗ୍‌କୁ ଉଦ୍ଧୃତ କରି ଶ୍ରୀ ବୈଷ୍ଣବ ସ୍ପଷ୍ଟ କରିଛନ୍ତି ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଦେଶରେ ପ୍ରାୟ ୨ ଲକ୍ଷ ଷ୍ଟାର୍ଟଅପ୍ ରହିଥିବା ବେଳେ ବୈଶ୍ୱିକ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌ରେ ପ୍ରଥମ ତିନୋଟି ସ୍ଥାନରେ ଭାରତ ସ୍ଥାନିତ ହୋଇପାରିଛି । ଗତ ଏକ ଦଶନ୍ଧି ମଧ୍ୟରେ ଭାରତ ଡିପ୍‌ଟେକ୍ କ୍ଷେତ୍ରରେ ଅଧିକ ଗବେଷଣାତ୍ମକ କାର୍ଯ୍ୟ କରିଥିବା ବେଳେ ୨୦୩୦ ସୁଦ୍ଧା ସେଭେନ୍ ନାନୋମିଟର ବୈଷୟିକ ଜ୍ଞାନକୌଶଳ ହାସଲ କରିବା ଦିଗରେ ଭାରତ ଅଗ୍ରସର ହୋଇପାରିବ ବୋଲି ଶ୍ରୀ ବୈଷ୍ଣବ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ପ୍ରଗତି-ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ଆନ୍ଧ୍ରପ୍ରଦେଶର ମଙ୍ଗଳଗିରି ଏମସ୍ ପ୍ରକଳ୍ପ ସମ୍ପର୍କରେ ।

ମଙ୍ଗଳଗିରିଠାରେ ୯୬୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଏମସ୍ ହସ୍ପିଟାଲ୍ ୧୮୩ ଦଶମିକ୍ ୧/୧ ଏକର ପରିମିତ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଛି । ଏଥିଲାଗି ୧ ହଜାର ୬୧୮ କୋଟି ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହି ମେଡିକାଲ୍ କଲେଜ୍ ଲାଗି ବାର୍ଷିକ ୧୨୫ ଜଣ ଏମ୍.ବି.ବି.ଏସ୍. ଛାତ୍ର ନାମ ଲେଖାଇ ପାରିବେ ।

୨୦୧୮ ମସିହାରେ ମଙ୍ଗଳଗିରି ଏମସ୍ ବିଜୟୱାଡ଼ା ସ୍ଥିତ ସରକାରୀ ସିଦ୍ଧାର୍ଥ ମେଡିକାଲ୍ କଲେଜ୍ ପରିସରରେ ଅସ୍ଥାୟୀ ଭାବେ ଆରମ୍ଭ କରାଯାଇଥିଲା । ୨୦୧୯ ମାର୍ଚ୍ଚ ମାସରେ ଏହି ପ୍ରତିଷ୍ଠାନ ଓ.ପି.ଡି. ସେବା ନିଜର ସ୍ଥାୟୀ କ୍ୟାମ୍ପସ୍‌ରେ ଆରମ୍ଭ କରିଥିଲା ।

ତେବେ କାର୍ଯ୍ୟକାରିତା ସମୟରେ ଏହି ପ୍ରକଳ୍ପର ସମ୍ମୁଖରେ ଭିତ୍ତିଭୂମିର ଆହ୍ୱାନ ସୃଷ୍ଟି ହୋଇଥିଲା । ୨୦୧୮ ଏପ୍ରିଲ୍ ୨୫ ତାରିଖରେ ପ୍ରଗତି ବୈଠକରେ ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପର ସମୀକ୍ଷା କରିବା ସହିତ ଉଭୟ ସମ୍ପୃକ୍ତ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଏହି ପ୍ରକଳ୍ପକୁ ଠିକ୍ ସମୟ ମଧ୍ୟରେ ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଆନ୍ତଃ ମନ୍ତ୍ରଣାଳୟ ତଥା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟରେ ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଶ୍ରୀ ମୋଦୀ ନିର୍ଦ୍ଦେଶ ଦେଇଥିଲେ ।

ଏହାର ଫଳସ୍ୱରୂପ ୨୦୨୩ ଜାନୁଆରୀ ୩୧ ତାରିଖରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା । ତେବେ ୨୦୨୪ ଫେବୃୟାରୀ ୨୫ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳଗିରି ଏମସ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବର୍ତ୍ତମାନ ଏହି ହସ୍ପିଟାଲ୍‌ରେ ବିଭିନ୍ନ ପ୍ରକାର ରୋଗର ନିରାକରଣ କରାଯିବା ସହିତ ଜନସାଧାରଣଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ।

## କ୍ରିକେଟ୍-ଇଣ୍ଡିଆ-ନ୍ୟୁଜିଲାଣ୍ଡ

ଭାରତ-ନ୍ୟୁଜିଲାଣ୍ଡ ପୁରୁଷ ବର୍ଗ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ନାଗପୁରଠାରେ ଖେଳାଯାଉଛି । ସ୍ଥାନୀୟ ବିଦର୍ଭ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ଭାରତ ୩ ଓଭରରେ ୨ ୱିକେଟ୍ ହରାଇ ୩୧ ରନ୍ ସଂଗ୍ରହ କରିଛି ।

ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରାୟପୁରଠାରେ ଆସନ୍ତା ଶୁକ୍ରବାର ଦିନ ଖେଳାଯିବ ।

## ସନ୍ତୋଷ ଟ୍ରଫି

୭୯ତମ ଜାତୀୟ ସନ୍ତୋଷ ଟ୍ରଫି ଫୁଟବଲ୍ ଚାମ୍ପିୟାନ୍‌ସିପ୍ ଆଜିଠାରୁ ଆସାମରେ ଆରମ୍ଭ ହୋଇଛି । ସକାଳେ ଡାକୁଆଖାନାଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ଉତ୍ତରାଖଣ୍ଡକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ସେହିଭଳି ଅପରାହ୍ଣରେ ସିଲାପାଥର୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପଶ୍ଚିମବଙ୍ଗ' ନାଗାଲାଣ୍ଡକୁ ୪-୦ରେ ଏବଂ ତାମିଲନାଡୁ ଘରୋଇ ଦଳ ଆସାମକୁ ୧-୦ରେ ହରାଇ ଦେଇଛି ।